# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 10 December - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ମିଶନ ଶକ୍ତି ପ୍ରସଙ୍ଗରେ ବିରୋଧି ସଦସ୍ୟମାନେ ହଟ୍ଟଗୋଳ କରିବାରୁ ପ୍ରଶ୍ନୋତ୍ତର କାଳ ବାଧାପ୍ରାପ୍ତ ।

- ପ୍ରବାସୀ ଭାରତୀୟ ସମ୍ମିଳନୀ ଆୟୋଜନ କରିବା ପାଇଁ ପର୍ଯ୍ୟଟନ ବିଭାଗ ପ୍ରସ୍ତୁତ : କହିଲେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

- କେନ୍ଦ୍ର ଶିକ୍ଷା ଓ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର କନ୍ଧମାଳ ଜିଲ୍ଲା ଗସ୍ତକରି ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର କରୁଛନ୍ତି ସମୀକ୍ଷା ।

- ପୁରୀ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ରତ୍ନଭଣ୍ଡାର ମରାମତି ସମେତ ବିଭିନ୍ନ ପ୍ରସଙ୍ଗରେ ଆଜି ହେବ ଆଲୋଚନା ।

ଏବଂ

- କଟକ ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ବିଡବ୍ଲ୍ୟୁଏଫ୍ ସୁପର-୧୦୦ ଓଡ଼ିଶା ମାଷ୍ଟର୍ସ ଆନ୍ତର୍ଜାତିକ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ।

***BBSR***

## ବିଧାନସଭା-୧

ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନର ଆଜି ଗୃହରେ ଧାରଣାରତ ମିଶନ ଶକ୍ତି ଏବଂ ଅନ୍ୟ କେତୋଟି ପ୍ରସଙ୍ଗ ଉପରେ ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରିବାରୁ ପ୍ରଥମାର୍ଦ୍ଧ ବୈଠକ ବାଧାପ୍ରାପ୍ତ ହୋଇଥିଲା। ଗୃହରେ ପ୍ରଶ୍ନକାଳ ସୁରୁଖୁରୁରେ ଚାଲିପାରି ନ ଥିଲା। ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବାଚସ୍ପତି ସୁରମା ପାଢ଼ୀ ପ୍ରଶ୍ନର ଉତ୍ତର ରଖିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକଙ୍କୁ କହିଥିଲେ। ଗୃହରେ ମନ୍ତ୍ରୀ ଉତ୍ତର ରଖିବା ସମୟରେ ବିରୋଧି ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ମିଶନ ଶକ୍ତି ପ୍ରସଙ୍ଗ ଉଠାଇଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟ ଜାରି ରଖିବାରୁ ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଗୃହରେ ପ୍ରଶ୍ନକାଳ ମାତ୍ର ୩ ମିନିଟ୍ ଚାଲିଥିଲା। ତେବେ ଶୂନ୍ୟକାଳରେ ମିଶନ ଶକ୍ତି ପ୍ରସଙ୍ଗରେ ଉଭୟ ବିରୋଧି ଓ ଶାସକଙ୍କ ମଧ୍ୟରେ ସରଗରମ ଆଲୋଚନା ହୋଇଥିଲା।

***BBSR***

## ବିଧାନସଭା-୨

ରାଜ୍ୟରେ ପକ୍ଷୀଗଣନା ଆସନ୍ତା ଜାନୁୟାରୀ ମାସରେ ଆରମ୍ଭ ହେବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଆଜି ବିଧାନସଭାରେ କହିଛନ୍ତି। ନଭେମ୍ବର ମାସ ସୁଦ୍ଧା ୪ ଲକ୍ଷ ୯୪ ହଜାର

୩୬୬ ସଂଖ୍ୟକ ବିଦେଶାଗତ ପକ୍ଷୀ ଓଡ଼ିଶା ଆସିଛନ୍ତି। ସେଥିମଧ୍ୟରୁ ଚିଲିକାର ନଳବଣକୁ ପ୍ରାୟ ୨ ଲକ୍ଷ ୧୭ ହଜାର ବିଦେଶାଗତ ପକ୍ଷୀ ଆସିଛନ୍ତି। ବିଦେଶାଗତ ପକ୍ଷୀମାନଙ୍କ ପାଇଁ ପ୍ରତିବର୍ଷ ଅକ୍ଟୋବର ମାସରୁ ମାର୍ଚ୍ଚମାସ ଶେଷ ପର୍ଯ୍ୟନ୍ତ ୨୧ଟି ଅସ୍ଥାୟୀ ପକ୍ଷୀ ସୁରକ୍ଷା ଶିବିର, ୨ଟି ଭ୍ରାମ୍ୟମାଣ ଦଳ ଗଠନ କରାଯାଇ ପ୍ରତି ଶିବିରରେ ୩ ଜଣ ସ୍ଥାନୀୟ ଯୁବକ ଓ ଜଣେ ବନରକ୍ଷୀଙ୍କ ଦ୍ୱାରା ପହରା ବ୍ୟବସ୍ଥା କରାଯାଉଛି। ପକ୍ଷୀମାନଙ୍କ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

***BBSR***

## ବିଧାନସଭା-୩

ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ୮୫୭ ହାତୀଙ୍କ ମୃତ୍ୟୁ ହୋଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ କହିଛନ୍ତି। ସେଥିମଧ୍ୟରୁ ବିଭିନ୍ନ ରୋଗର ଶୀକାର ହୋଇ ୩୦୫, ବିଦ୍ୟୁତ୍ ଆଘାତରେ ୧୪୯, ପ୍ରକୃତିଗତ କାରଣରୁ ୨୨୯ ହାତୀଙ୍କର ମୃତ୍ୟୁ ହୋଇଥିଲା ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି। ରାଜ୍ୟରେ ଚଳିତ ବର୍ଷ ନଭେମ୍ବର ମାସ ସୁଦ୍ଧା ହାତୀଙ୍କ ସଂଖ୍ୟା ୨ ହଜାର ୧୦୩ ରହିଥିବା ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି। ୨୦୧୫ ମସିହାରେ ହାତୀଙ୍କ ସଂଖ୍ୟା ୧ ହଜାର ୯୫୪ ଥିବାବେଳେ, ୨୦୨୪ ମସିହା ମେ' ମାସ ସୁଦ୍ଧା ହାତୀଙ୍କ ସଂଖ୍ୟା ୨୦୯୮ରେ ପହଞ୍ଚିଥିବା ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି।

*HS*

## ପ୍ରବାସୀ ଭାରତୀୟ ସମ୍ମିଳନୀ

ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଆୟୋଜନ କରିବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସମ୍ମିଳନୀ ଆୟୋଜନ ନେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଭୁବନେଶ୍ୱର ସମେତ କଟକ, ପୁରୀ, କୋଣାର୍କ, ଚିଲିକା, ରତ୍ନଗିରି, ଲଳିତଗିରି ଆଦି ଦର୍ଶନୀୟ ସ୍ଥାନମାନଙ୍କରେ ଭିତ୍ତିଭୂମିର ଉନ୍ନତି କରାଯାଇଛି। ପ୍ରବାସୀମାନେ ସେହିସବୁ ସ୍ଥାନକୁ ଯାଇ ପରିଦର୍ଶନ କରିବା ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଚଳିତଥର ରାଜ୍ୟରେ ପ୍ରଥମଥର ପାଇଁ ହୋମ୍-ଷ୍ଟେ ବ୍ୟବସ୍ଥା କରାଯାଇଛି। ପ୍ରବାସୀମାନେ ଲୋକଙ୍କ ଘରେ ଅତିଥି ହୋଇ ରହିପାରିବେ। ଯେଉଁମାନେ ଅତିଥିଙ୍କୁ ନିଜ ଘରେ ରଖିବା ପାଇଁ ଚାହିଁବେ ସେମାନେ ପର୍ଯ୍ୟଟନ ବିଭାଗର ଅନଲାଇନ ପୋର୍ଟାଲରେ ଆବେଦନ କରିପାରିବେ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

*Kandhamal*

## ମନ୍ତ୍ରୀଙ୍କ କନ୍ଧମାଳ ଗସ୍ତ

କେନ୍ଦ୍ର ଶିକ୍ଷା ଓ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ଦିନିକିଆ କନ୍ଧମାଳ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରସଙ୍ଗଗୁଡ଼ିକ ଉପରେ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ମନ୍ତ୍ରୀ ଶ୍ରୀ ମଜୁମଦାର ଫିରିଙ୍ଗିଆ ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ଗସ୍ତ କରିବାର କାର୍ଯ୍ୟକ୍ରମ

ରହିଛି। ମନ୍ତ୍ରୀ ଶ୍ରୀ ମଜୁମ୍‌ଦାରଙ୍କ ସହ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ଜିଲ୍ଲାପାଳ ପ୍ରମୁଖ ଗସ୍ତ ସମୟରେ ଉପସ୍ଥିତ ରହିବେ।

***PURI***

## ଛତିଶା ନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆଜି ଅପରାହ୍ନରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହେବ। ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ବିଚାରବିମର୍ଶ କରାଯିବ। ମୁଖ୍ୟତଃ ଆସନ୍ତା ୧୬ ତାରିଖଠାରୁ ଆରମ୍ଭ ହେବାକୁ ଥିବା ଶ୍ରୀଜୀଉଙ୍କ ପହିଲି ଭୋଗ ନୀତିନିର୍ଘଣ୍ଟ ନେଇ ଆଲୋଚନା ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ଏ.ଏସ୍.ଆଇ. ପକ୍ଷରୁ ରତ୍ନଭଣ୍ଡାର ମରାମତି’ ସମ୍ପର୍କରେ ଆଲୋଚନା ହେବ। ରତ୍ନଭଣ୍ଡାର ମରାମତି ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଏବଂ ଶ୍ରଦ୍ଧାଳୁଙ୍କ ଦର୍ଶନରେ ଯେଉଁଭଳି ବାଧା ସୃଷ୍ଟି ନ ହେବ ସେ ସମ୍ପର୍କରେ ବୈଠକରେ ଆଲୋଚନା ହେବ। ଶ୍ରୀମନ୍ଦିରରେ ଆସନ୍ତା ମାସ ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦେବାଭିଷେକ ପୂର୍ଣ୍ଣିମା ଏବଂ ୧୪ ତାରିଖ ମକର ସଂକ୍ରାନ୍ତିର ନୀତିନିର୍ଘଣ୍ଟ ନେଇ ବୈଠକରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି।

***Nabarangpur***

## ଧାନକ୍ରୟ ଆରମ୍ଭ

ନବରଙ୍ଗପୁର ଜିଲ୍ଲାରେ ଚଳିତ ଖରିଫ ଧାନକିଣା ଆଜିଠାରୁ ଧାନମଣ୍ଡିଗୁଡ଼ିକରେ ଆରମ୍ଭ ହୋଇଛି। ପୂର୍ବତନ ସାଂସଦ ପର୍ଶୁରାମ ମାଝି, ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଧାନମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାର ୫୯ଟି ସ୍ଥାୟୀ ଓ ଅସ୍ଥାୟୀ ଧାନମଣ୍ଡି, ୧୩ଟି ଲ୍ୟାମ୍ପସ୍, ୨ଟି ପାଣିପଞ୍ଚାୟତ ଓ ୪୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଧାନକ୍ରୟ ପ୍ରକ୍ରିୟା ଜାରିରହିବ। ଚଳିତ ବର୍ଷ ରାଜ୍ୟ ସରକାର କ୍ୱିଣ୍ଟାଲ ପିଛା ଧାନର ପ୍ରୋତ୍ସାହନ ରାଶି ୮୦୦ ଟଙ୍କା ଦେବା ନିମନ୍ତେ ଧାର୍ଯ୍ୟ କରିଛନ୍ତି। ଚଳିତ ବର୍ଷ ଜିଲ୍ଲାରେ ୪୨ ହଜାର ୪୧୧ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକୃତ ହୋଇଛନ୍ତି ଏବଂ ସେମାନଙ୍କଠାରୁ ପ୍ରଥମ ପର୍ଯ୍ୟାୟରେ ୧୩ ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ କରାଯିବା ପାଇଁ ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

***Ganjam***

## ମନ୍ତ୍ରୀଙ୍କ ବୈଠକ

ଗଞ୍ଜାମ ଜିଲ୍ଲାର ଐତିହାସିକ ଶୈବପୀଠ ବୁଗୁଡ଼ାସ୍ଥିତ ବୁଦ୍ଧଖୋଲଠାରେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆସନ୍ତା ବର୍ଷ ଫେବୃୟାରୀ ମାସ ୫, ୬ ଓ ୭ ତାରିଖ ତିନିଦିନ ଧରି ବୁଦ୍ଧଖୋଲ ମହୋତ୍ସବ ୨୦୨୫ ଅନୁଷ୍ଠିତ ହେବାନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୁଦ୍ଧଖୋଲ ମହୋତ୍ସବର ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ଗଠନ କରାଯିବା ପାଇଁ ସ୍ଥିର କରାଯାଇଛି।

***Ganjam***

## ଉତ୍କଳ ଆଇନଜୀବୀ ସଂଘ

ଗଞ୍ଜାମ ଜିଲ୍ଲାର ଭଞ୍ଜନଗରଠାରେ ଆସନ୍ତା ୨୯ ଓ ୩୦ ତାରିଖ ଦୁଇଦିନ ବ୍ୟାପୀ ନିଖିଳ ଉତ୍କଳ ଆଇନଜୀବୀ ସଂଘର ୫୩ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଦୁଇ ଉପ-ମୁଖ୍ୟମନ୍ତ୍ରୀ ସମ୍ମିଳନୀରେ ଭାଗନେବାର କାର୍ଯ୍ୟକ୍ରମ ରହିଛି। ଉପଜିଲ୍ଲାପାଳ ଅନିଲ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀର ଆୟୋଜନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

***Ganjam***

## ପିଏମ୍ଏସ୍ଏମ୍ଏ କକ୍ଷ ଉଦ୍‌ଘାଟିତ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି. ମେଡିକାଲ କଲେଜର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ ବର୍ହିବିଭାଗରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଗୃହ ଉଦ୍‌ଘାଟିତ ହୋଇଛି। ଶିଶୁ ଓ ମାତୃ ମୃତ୍ୟୁହାର କମ୍ କରିବା ଲକ୍ଷ୍ୟରେ ପ୍ରତ୍ୟେକ ମାସ ୯ ତାରିଖରେ ଗର୍ଭବତୀ ମହିଳାମାନଙ୍କୁ ମାଗଣାରେ ଓ ଉତ୍ତମ ମାନର ଚିକିତ୍ସା ସେବା ଯୋଗାଇବା ଏହି ଅଭିଯାନର ମୂଳଲକ୍ଷ୍ୟ।

***Rayagada***

## ଚଇତି କ୍ରୀଡ଼ା

ରାୟଗଡ଼ା ଜିଲ୍ଲାର ଗଣପର୍ବ ଚଇତି ଉପଲକ୍ଷେ କ୍ରୀଡ଼ାର ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ’ ମିନି

ମାରାଥନ୍‌ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଚଇତି କ୍ରୀଡ଼ାର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

***Desk***

## ବିଶ୍ୱ ମାନବ ଅଧିକାର ଦିବସ

ପ୍ରତ୍ୟେକ ବ୍ୟକ୍ତିର ମୌଳିକ ସ୍ୱାଧୀନତା ଓ ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ସଚେତନତା ସୃଷ୍ଟି କରିବା ଲାଗି ଆଜି ବିଶ୍ୱବ୍ୟାପୀ ମାନବ ଅଧିକାର ଦିବସ ପାଳନ କରାଯାଉଛି। ପ୍ରତ୍ୟେକ ବ୍ୟକ୍ତିର ଖାଦ୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଏବଂ ନ୍ୟାୟସମ୍ମତ ସମାନତା ଉପଲବ୍ଧ କରିବା ସହିତ ମର୍ଯ୍ୟାଦାପୂର୍ଣ୍ଣ ଭାବେ ବଞ୍ଚିବାର ଅଧିକାର ରହିଛି। ୧୯୫୦ ମସିହାରୁ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖରେ ମାନବ ଅଧିକାର ଦିବସ ପାଳିତ ହୋଇଆସୁଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ସମସ୍ତଙ୍କ ପାଇଁ ସମାନତା : ଅସମାନତାକୁ କମାଇବା ଓ ଅନ୍ୟ ମାନବ ଅଧିକାର ସୁରକ୍ଷାକୁ ତ୍ୱରିତ କରିବା"। ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଆଜି ମାନବ ଅଧିକାର ଦିବସ ପାଳନ କରାଯାଉଛି।

***Desk***

## ମାଷ୍ଟର୍ସ ବ୍ୟାଡମିଣ୍ଟନ

କଟକର ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ବି.ଡବ୍ଲ୍ୟୁ.ଏଫ୍. ସୁପର ୧୦୦ ଓଡ଼ିଶା ମାଷ୍ଟର୍ସ ଆନ୍ତର୍ଜାତିକ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ତୃତୀୟ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି। ପ୍ରତିଯୋଗିତାରେ ୨୯ଟି ଦେଶର ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ

ନେଉଛନ୍ତି । ଓଡ଼ିଶାର ୧୧ ଜଣ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି । ଓଡ଼ିଶା ମାଷ୍ଟର୍ସ ଆନ୍ତର୍ଜାତିକ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ।

***Desk***

## ପାଣିପାଗ

ପଶ୍ଚିମାଝଡ଼ ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଆଜି କୋହଲା ପାଗ ସହ ଝିପିଝିପି ବର୍ଷା ହୋଇଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୧ଟି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଆଗାମୀ ୩ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।